# Akashvani, Sambalpur

## SAMBALPURI NEWS EVENING BULLETIN

## 20 April 2024- 7.02 pm- 7.12 pm.

**********************************************

୧- ବିଧାନ୍‌ସଭା ନିର୍ବାଚନ୍ ଲାଗି ଆଏଜ୍ ଘୋଷ୍‌ନା ହେଲା ବିଜେଡ଼ିର ୬ ନମ୍ବର୍ ଖେପର୍ ପ୍ରାର୍ଥୀ ତାଲିକା ।

୨- ଝାର୍‌ସୁଗୁଡ଼ା ଜିଲ୍ଲା ଡଙ୍ଗାବୁଡ଼ି ଘଟ୍‌ନାଥି ମୃତ୍ୟୁ ସଂଖ୍ୟା ହେଲା ୮ ।

- ଦୁଃଖ ପ୍ରକାଶ୍ କଲେ ରାଷ୍ଟ୍ରପତି ଆଉ ଉପରାଷ୍ଟ୍ରପତି ।

୩- ଭିତର୍‌କନିକା ଜାତୀୟ ଉଦ୍ୟାନ ଆଏବା ମାସର୍ ୧ ତାରିଖ୍‌ନୁ ରହେବା ବନ୍ଦ୍ ।

ଆଉର୍

୪- ରାଏଜେ ପହେଲାଥର୍ ଲାଗି ବୌଦ୍ଧ ଆର୍ ବାରିପଦାର ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିଅସ୍ ଉପ୍‌ରେ ।

ବିଜେଡ଼ି - ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷ୍ନା

ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭା ଆସନ୍ ଲାଗି ଆଏଜ୍ ବିଜୁ ଜନତା ଦଲ୍ ତର୍‌ଫୁ ୬ ନମ୍ବର୍ ଖେପର୍ ପ୍ରାର୍ଥୀ ତାଲିକା ବାହାରିଛେ । ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଇ ଖେପେ ଆଉ ୯ ଝନ୍‌କର୍ ନାଁ ଘୋଷ୍ନା କରିଛନ୍ । କେନ୍ଦ୍ରପଡ଼ାନୁ ଦଲ୍ ତର୍‌ଫୁ ଗଣେଶ୍ୱର୍ ବେହେରାଙ୍କୁ ପ୍ରାର୍ଥୀ କରାଯାଇଥିବାର୍ ବେଲେ ଚିଲିକାନୁ ରଘୁନାଥ ସାହୁଙ୍କୁ ପ୍ରାର୍ଥୀ କରାଯାଇଛେ । ଆନନ୍ଦପୁର୍‌ନୁ ଅଭିମନ୍ୟୁ ସେଠୀ, ସାରସକଣା ନୁ ଦେବାଶିଷ ମାରାଣ୍ଡି, କରଞ୍ଜିଆ ନୁ ବାସନ୍ତୀ ହେମ୍ବ୍ରମ୍, ରେମୁଣା ନୁ ବିଦ୍ୟାସ୍ମିତା ମହାଲିକ୍, ସିମୁଲିଆନୁ ସୁଭାସିନୀ ସାହୁ, ବଡ଼ଚଣା ନୁ ବର୍ଷା ପ୍ରିୟଦର୍ଶିନୀ ଆର୍ ଚମ୍ପୁଆନୁ ସନାତନ ମହାକୁଡ଼ଙ୍କୁ ବିଜେଡ଼ି ତର୍‌ଫୁ ପ୍ରାର୍ଥୀ କରାଯାଇଛେ । ବିଜେଡ଼ି ତର୍‌ଫୁ ଏବ୍‌ତକ୍ ୬ ଟା ଖେପେ ଶହେ ୩୫ ଝନ୍ ପ୍ରାର୍ଥୀଙ୍କର୍ ନାଁ ଘୋଷ୍ନା କରାଯାଇଛେ ।

ଲୋକସଭା ନିର୍ବାଚନ୍- ୪ ନମ୍ବର୍ ଖେପ୍ ନାମାଙ୍କନ୍ ପତ୍ର

ଏନ୍‌ଏସ୍‌ଡି

ଲୋକ୍‌ସଭା ନିର୍ବାଚନ୍ ୨୦୨୪ - ୪ ନମ୍ବର୍ ଖେପ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କାମ୍ ଗଲା ଗୁରୁବାର୍‌ନୁ ମୁଲ୍

ହେଇଛେ । ଇ ମାସର୍ ୨୫ ତାରିଖ୍ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବାର୍ ଶେଷ୍ ଦିନ୍ ଆଏ । ନାମାଙ୍କନ୍ ପତ୍ର ଯାଂଚ୍ କାମ୍ ଆଏବା ୨୬ ତାରିଖ୍ ହେବା ଆର୍ ନାମାଙ୍କନ୍ ପ୍ରତ୍ୟାହାର୍ କର୍‌ବାର୍ ଶେଷ୍ ଦିନ୍ ୨୯ ତାରିଖ୍‌ତକ୍ ରଖାଯାଇଛେ । ଇ ଖେପ୍ ଲାଗି ଆଏବା ମେ ମାସର୍ ୧୩ ତାରିଖ୍ ୯ ଟା ରାଜ୍ୟ ସହେତେ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୯୬ ଟା ସଂସଦୀୟ ଆସନ୍ ଲାଗି ଭୋଟ୍ ହେବା ।

ଲୋକ୍‌ସଭା ନିର୍ବାଚନ୍ -୨ ନମ୍ବର୍ ଖେପ୍ ପ୍ରଚାର୍

ଏନ୍‌ଏସ୍‌ଡି

ସାଧାରଣ୍ ନିର୍ବାଚନ୍‌ର ପହେଲା ଖେପର୍ ମତଦାନ୍ ଗଲାକାଏଲ୍ ସର୍‌ଲା ଉତ୍‌ରୁ ୨ ନମ୍ବର୍ ଖେପ୍ ମତଦାନ୍ ଲାଗି ପ୍ରଚାର୍ ଅଭିଯାନ୍ ଜୋର୍ ଧରିଛେ । ୨ ନମ୍ବର୍ ଖେପେ ଚଲ୍‌ତି ମାସର୍ ୨୬ ତାରିଖ୍ ବାହ୍ୟ ମଣିପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀର ବାକି ଆସନ୍ ସହେତେ ୧୨ ଟା ରାଜ୍ୟ ଆର୍ କେନ୍ଦ୍ରଶାସିତ୍ ଅଂଚଲ୍‌ର ୮୮ ଟା ସଂସଦୀୟ ଆସନ୍ ଲାଗି ଭୋଟ୍ ହେବା ।

ନିର୍ବାଚନ୍ ପ୍ରଚାର୍- ଆକାଶ୍‌ବାଣୀ, ଦୂରଦର୍ଶନ୍

ଆର୍‌ଏନ୍‌ୟୁ/ କଟକ୍

ଚଲ୍ତି ସାଧାରଣ ନିର୍ବାଚନ୍‌ଥି ସ୍ୱିକୃତୀ ପ୍ରାପ୍ତ ଜାତୀୟ ଆଉ ଆଂଚଲିକ୍ ରାଜନୈତିକ୍ ଦଲ୍ ମାନେ ଆକାଶ୍‌ବାଣୀ ଆର୍ ଦୂର୍‌ଦର୍ଶନ୍ ଜରିଏ ନିର୍ବାଚନ୍ ପ୍ରଚାର୍ କର୍‌ବାର୍ ଲାଗି ସମିଆ ଆବଂଟନ୍ କରାଯାଇଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ଲଟ୍‌ରୀ ଜରିଏ ସମିଆ ଦିଆଯାଇଛେ । ଇ ବାବ୍‌ଦେ ଗଲାକାଏଲ୍ ଆକାଶ୍‌ବାଣୀ କଟକ୍ ଆଉ ଦୂରଦର୍ଶନ୍ ଭୁବ୍‌ନେଶ୍ୱର୍ କେନ୍ଦ୍ର ନ ଅତିରିକ୍ତ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଡକ୍ଟର୍ ଏନ୍. ତିରୂମାଲା ନାଏକ୍‌ଙ୍କର୍ ଉପସ୍ଥିତିଥି ଲଟ୍‌ରୀ ଉଠାଯାଇଥିଲା ।

ବୌଦ୍ଧ/ସମ୍ବଲପୁର - ନିର୍ବାଚନ୍ ପ୍ରଚାର୍

ବୌଦ୍ଧ ସମ୍ବାଦଦାତା/ସମ୍ବଲ୍‌ପୁର୍

ସମ୍ବଲ୍‌ପୁର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ବିଜେପି ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସମ୍ବଲ୍‌ପୁର୍ ନ ଆଏଜ୍ ଲୁକ୍‌କୁ ଭେଟିକରି ଭୋଟ୍ ପ୍ରଚାର୍ କରିଛନ୍ । ସେନ୍ତା ବିଜେଡ଼ିର ଲୋକ୍‌ସଭା ପ୍ରାର୍ଥୀ ପ୍ରଣବ୍ ପ୍ରକାଶ୍ ଦାସ କୁଚିଣ୍ଡା ଯାଇକରି ଗୁଟେ କର୍ମୀ ସମ୍ମିଲନୀଥି ଯୋଗ୍ ଦେଇକରି କର୍ମକର୍ତାମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ସେଆଡ଼େ ସମ୍ବଲ୍‌ପୁର୍, ରେଢ଼ାଖୋଲ୍

ଆର୍ ରେଙ୍ଗାଲି ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି କଂଗ୍ରେସ୍ ଦଲର୍ ପ୍ରାର୍ଥୀମାନେ ନିର୍ବାଚନ୍ ପ୍ରଚାର୍ କରିଛନ୍ ।

ବୌଦ୍ଧ ଆଉ କଂଟାମାଲ୍ ନିର୍ବାଚନ୍ ମଣ୍ଡଲୀ ସହେତେ କନ୍ଧମାଲ୍ ଲୋକ୍‌ସଭା ଆସନ୍‌ର ବିଜେପି ପ୍ରାର୍ଥୀଙ୍କର୍ ଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପ୍ରଚାର୍ କରିଛନ୍ । ସେନ୍ତା ବୌଦ୍ଧ ନ ବିଜେଡ଼ି ପ୍ରାର୍ଥୀ ପ୍ରଦୀପ୍ କୁମାର୍ ଅମାତ୍ ଭିନ୍ ଭିନ୍ ପଂଚାୟତ୍‌ମାନ୍‌କେ ଯାଇକରି ଭୋଟ୍ ପ୍ରଚାର୍ କରିଛନ୍ । କଂଗ୍ରେସ୍ ପ୍ରାର୍ଥୀ ନବକିଶୋର୍ ମିଶ୍ର ଭିଲ୍ ଗାଁ ଗାଁ ବୁଲିକରି ନିଜର୍ ଦଲର୍ ଲାଗି ଭୋଟ୍ ପ୍ରଚାର୍ କରିଛନ୍ ।

ଡଙ୍ଗାବୁଡ଼ି ଆର୍‌ଏନ୍‌ୟୁ ସମ୍ବଲପୁର/ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ମହାନଦୀ ଡଙ୍ଗାବୁଡ଼ି ଘଟ୍‌ନାଥି ମୃତ୍ୟୁ ସଂଖ୍ୟା ୮ ହେଇଛେ । ଗଲାକାଏଲ୍ ଝନ୍‌କର୍ ମୃତ ଦେହ ଉଦ୍ଧାର୍ କରାଯାଇଥିବାର୍ ବେଲେ ବାକି ନିଖୋଜ୍ ଥିବା ୭ ଝନ୍‌କର୍ ମୃତ ଦେହ ଆଏଜ୍ ଉଦ୍ଧାର୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ୫୪ ଝନ୍ ଯାତ୍ରୀଙ୍କୁ ନେଇକରି ଯାଉଥିବା ଡଙ୍ଗା ବୁଡ଼ି ଯାଇଥିଲା । ଡଙ୍ଗାଥି ଥିବା

ଯାତ୍ରୀମାନେ ପଡ଼ୋଶୀ ରାଜ୍ୟ ଛତିଶ୍‌ଗଡ୍‌ ରାଜ୍ୟର୍‌ ରାୟଗଡ଼ ଜିଲ୍ଲା ଖରସିଆଁ ଅଞ୍ଜୁରୀପାଲି ଆର୍‌ ଆଖର୍‌ପାଖର୍‌ ଇଲାକାର୍‌ ବଲି ଜନାପଡ଼ିଛେ । ସେମାନେ ବର୍‌ଗଡ୍‌ ଜିଲ୍ଲାର୍‌ ଅମ୍ବାଭୋନା ବ୍ଲକ୍‌ର ଖରସେନୀ ବୁଲ୍‌ବାର୍‌କେ ଆସିଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଉ ଉପରାଷ୍ଟ୍ରପତି ଜଗ୍‌ଦୀପ୍‌ ଧନଖଡ୍‌ ଇ ଘଟ୍‌ନାଥି ଦୁଃଖପ୍ରକାଶ୍‌ କରିକରି ଶୋକସନ୍ତପ୍ତ ପରିବାର୍‌କେ ସମବେଦନା ଜନେଇଛନ୍‌ । ଡଙ୍ଗାବୁଡ଼ିଥି ଆହତ୍‌ ହେଇଥିବା ଲୁକ୍‌କର୍‌ ଆଶୁ ଆରୋଗ୍ୟ କାମନା କରିଛନ୍‌ ।

ଏନ୍‌ଏସ୍‌ଆରସି-ଡଙ୍ଗାବୁଡ଼ି ଘଟ୍‌ନା ଆର୍‌ଏନ୍‌ୟୁ/ କଟକ୍‌

ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍‌ ମହାନଦୀ ନ ଗଲାକାଏଲ୍‌ ହେଇଥିବା ଡଙ୍ଗାବୁଡ଼ି ଘଟ୍‌ନା ବାବ୍‌ଦେ ଜାତୀୟ ମାନବାଧିକାର୍‌ ଆୟୋଗ୍‌ ମୁଖ୍ୟ ଶାସନ୍‌ ସଚିବଙ୍କୁ ୪ ହପ୍ତା ଭିତ୍‌ରେ ଜବାବ୍‌ ଦାଖଲ୍‌ କର୍‌ବାର୍‌କେ କହିଛନ୍‌ । ଝନେ ସାମାଜିକ କର୍ମୀଙ୍କର୍‌ ଆବେଦନ୍‌ଥି ଡଙ୍ଗାବୁଡ଼ି ଘଟ୍‌ନାଥି କାଣା ପଦକ୍ଷେପ୍‌ ନିଆଯାଉଛେ ସେ ବାବ୍‌ଦେ ରିପୋର୍ଟ ଦାଖଲ୍‌ କର୍‌ବାର୍‌କେ ଜାତୀୟ ମାନବଅଧିକାର୍‌ ଆୟୋଗ୍‌ ଓଡ଼ିଶା ସର୍‌କାର୍‌ଙ୍କୁ ଆଘୋନୁ ନିର୍ଦ୍ଦେଶ୍‌ ଦେଇଥିଲେ । ପରିବହନ୍‌ର ମାଧ୍ୟମ୍‌ ଭାବେ ଡଙ୍ଗା ବେଭାର୍‌ କରୁଥିବା ଲୁକ୍‌କର୍‌ ସୁରକ୍ଷା ଲାଗି ନିଆଯାଇଥିବା ପଦକ୍ଷେପ୍‌ ଆର୍‌

ଦୁର୍ଘଟଣାଥି ମୃତକଙ୍କର୍ ପରିବାର୍ ଲୁକ୍‌କୁ ଦିଆଯାଇଥିବା କ୍ଷତିପୂରଣ୍ ବାବ୍‌ଦେ ରାଜ୍ୟ ସର୍‌କାର୍ ଗୁଟେ ରିପୋର୍ଟ ଦାଖଲ୍ କରିଥିଲେ । ଫିଟ୍‌ନେସ୍ ଆଉ ଲାଇସେନ୍ସ ନାଇଁ ଥାଇକରି ଡଙ୍ଗାଥି ଯାତ୍ରୀ ପରିବହନ୍ କର୍‌ବାର୍ ଲାଗି ଯେନ୍ ସର୍‌କାରୀ ଅଧିକାରୀ ଅନୁମତି ଦେଇଥିବେ ତାକର୍ ବିରୁଧେ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍‌ବାର୍ ସହେତେ ଏବ୍‌ତକ୍ ଯେନ୍‌ମାନେ ସହାୟତା ନୁହେଁ ପାଆନ୍ ସେମାନ୍‌କୁ ଅନୁକମ୍ପାମୂଳକ୍ ସାହାଜ୍ ଦେବାର୍‌କେ ଆବେଦନ୍‌କାରୀ ଦାବି କରିଛନ୍ ।

ସିଜେଇଆଇ କନ୍‌ଫରେନ୍ସ ଆର୍‌ଏନ୍‌ୟୁ/ କଟକ୍

ଦେଶେ ନୂଆଁ ଫୌଜଦାରୀ ଆଇନ୍ ପ୍ରଣୟନ୍ ହେଇଥିବାର୍‌ନୁ ଦେଶ୍ ପରିବର୍ତ୍ତନ୍ ବାଟେ ଆଗ୍‌କେ ବଢୁଛେ ବଲି ସୁପ୍ରିମ୍‌କୋର୍ଟର ପ୍ରଧାନ୍‌ବିଚାର୍‌ପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ । ନୂଆଦିଲ୍ଲୀ ନ ଗୁଟେ ସମ୍ମିଳନୀଥି ଉଦ୍‌ବୋଧନ୍ ଦେଇକରି ଡକ୍ଟର୍ ଚନ୍ଦ୍ରଚୂଡ଼ କହିଛନ୍ ଯେ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା, ଆଉ ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ବାଗିର୍ ୩ ଟା ଫୌଜ୍‌ଦାରୀ ଆଇନ୍ ଲାଗୁ ହେବାର୍‌ନୁ ଫୌଜଦାରୀ ନ୍ୟାୟ ବ୍ୟବସ୍ଥା କ୍ଷେତ୍ରଥି ଭାରତ୍ ଆଗ୍‌କେ ବଢୁଛେ । ଇ ଆଇନ୍‌ମାନେ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାଥି ଭାରତ୍‌କେ ନୂଆଁ ଯୁଗ୍‌କେ

ପୁହୁଁଚାବା ବଲି ସେ ମତପ୍ରକାଶ୍ କରିଛନ୍ । ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ ନ୍ୟାୟ ପାଲିକାକେ ଫୌଜଦାରୀ ମାମ୍ଲା ମାନ୍‌କର୍ ବିଚାର୍‌ର ଥିତି ବାବ୍‌ଦେ ଜାନ୍‌ବାର୍ ଲାଗି ସୁଯୋଗ୍ ଦେବା । ନ୍ୟାୟ ପ୍ରଦାନ୍‌ଥି ହେଉଥିବା ଭୁଲ୍‌ଚୁକ୍‌କେ ଚିହ୍ନଟ୍ କର୍‌ବାର୍‌କେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସର ବେଭାର୍ କରାଯିବାର୍ ଉଚିତ୍ ବଲି ପ୍ରଧାନ୍ ବିଚାର୍‌ପତି କହିଛନ୍ ।

ଭିତରକନିକା ଜାତୀୟ ଉଦ୍ୟାନ ଆର୍‌ଏନ୍‌ୟୁ / କଟକ୍

ବଉଲା କୁମ୍ଭୀର ମାନ୍‌କର୍ ପ୍ରଜନନ ଲାଗି ଆଏବା ମାସର୍ ୧ ତାରିଖ୍‌ନୁ ଜୁଲାଇ ମାସର୍ ୩୧ ତାରିଖ୍‌ତକ୍ ଭିତର୍‌କନିକା ଜାତୀୟ ଉଦ୍ୟାନ୍ ବନ୍ଦ୍ ରହେବା । ଭିତର୍‌କନିକା ସାଙ୍ଗେ ଜୁଡ଼ି ହେଇଥିବା ନଏଦ୍ ଆର୍ ନାଲା ମାନ୍‌କେ କୁମ୍ଭୀରମାନେ ଅଣ୍ଡା ଦେସନ୍ । ଇ ସମିଆଥି ମାଈକୁମ୍ଭୀର ମାନେ ହିଂସ୍ର ହେଇଯାଏସନ୍ । ପର୍ଯ୍ୟଟକ୍‌ମାନ୍‌କର୍ ସୁରକ୍ଷା ଆର୍ କୁମ୍ଭୀରମାନ୍‌କର୍ ଅଣ୍ଡା ଦେବାର୍ ପ୍ରକ୍ରିୟାକେ ସୁରକ୍ଷିତ୍ ରଖ୍‌ବାର୍ ଲାଗି ଭିତର୍‌କନିକା ଜାତୀୟ ଉଦ୍ୟାନ୍ କର୍ତ୍ତୃପକ୍ଷ ଇ ପଦକ୍ଷେପ୍ ନେଇଛନ୍ ।

ଶିମିଳିପାଲ୍ ଅଭୟାରଣ୍ୟ ହିନ୍ଦୁସ୍ଥାନ୍ ସମାଚାର୍

ମୟୁର୍‌ଭଞ୍ଜ୍ ଜିଲ୍ଲାର୍ ଶିମିଲିପାଲ୍ ଅଭୟାରଣ୍ୟର ଉତର୍‌ଖଣ୍ଡ ବନ୍ୟପ୍ରାଣୀ ବନଖଣ୍ଡ ଅଂଚଲ୍‌ର ୧୩ ଟା ଜାଗା ନ ନିଆଁ ଲାଗିଛେ । ନିଆଁକେ ଆଏତ୍ କର୍‌ବାର୍ ଲାଗି ଜଙ୍ଗଲ୍ ବିଭାଗ୍ କର୍ମଚାରୀ ଆଉ ଅଗ୍ନିଶମ କର୍ମଚାରୀ ଚେଷ୍ଟା ଚଲେଇଛନ୍ ବଲି ଶିମିଲିପାଲ୍ ଆଂଚଲିକ୍ ମୁଖ୍ୟ ବନସଂରକ୍ଷକ ସୂଚ୍‌ନା ଦେଇଛନ୍ । ଉତର୍ ଶିମିଲିପାଲ୍‌ର ୮ ଟା ଜାଗା ଆର୍ ଦକ୍ଷିଣ ଶିମିଲିପାଲ୍‌ର ୫ ଟା ଜାଗା ନ ନିଆଁ ଲାଗିଛେ । ସେନ୍ତା ତାଲ୍‌ବନ୍ଧ୍ ଆର୍ ଢୁକୁରା ରେଞ୍ଜ୍ ନ ଜବର୍ ନିଆଁ ଲାଗିଥିବାର୍ ସୂଚ୍‌ନା ମିଲିଛେ ।

## ପ୍ରିଜାଇଡିଂ ଆଉ ପୋଲିଂ ଅଧିକାରୀ ତାଲିମ୍

ସମ୍ବଲ୍‌ପୁର୍ ସମ୍ବାଦଦାତା

ସାଧାରଣ ନିର୍ବାଚନ୍ ୨୦୨୪ କେ ସ୍ୱଚ୍ଛ, ଅବାଧ, ନିରପେକ୍ଷ ଆର୍ ବ୍ୟବସ୍ଥିତ୍ ଭାବେ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଢ଼ାଖୋଲ୍ ନିର୍ବାଚନ୍ ମଣ୍ଡଲୀ ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ କରାଯାଉଛେ । ଭୀମଭୋଇ କଲେଜ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ୩ ଶହ ୨୯ ଝନ୍ ପ୍ରିଜାଇଡିଂ ଆର୍ ପ୍ରଥମ ପୋଲିଂ ଅଧିକାରୀଙ୍କୁ ଇଭିଏମ୍ ଆର୍ ଭିଭିପାଟ୍ ମିସିନ୍‌ର ବେଭାର୍ ବାବ୍‌ଦେ ରିଫ୍ରେସର୍ ଟ୍ରେନିଂ ଦିଆଯାଇଛେ ।

ନୂଆପଡ଼ା- ନିର୍ବାଚନ୍ ସମୀକ୍ଷା ବୈଠକ୍   ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସମ୍ମିଲନୀ କକ୍ଷ ନ ଅତିରିକ୍ତ ଜିଲ୍ଲାପାଲ୍ ଭୀମସେନ ଶବରଙ୍କର୍ ଅଧ୍ୟକ୍ଷତାଥି ନିର୍ବାଚନ୍ ସମୀକ୍ଷା ବୈଠକ୍ ହେଇଯାଇଛେ । ନିର୍ବାଚନ୍ କାମେ ନିୟୋଜିତ୍ ଥିବା ଅଧିକାରୀମାନେ ନିର୍ବାଚନ୍‌କେ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ୍ ଆଉ ଠିକ୍‌ଭାବେ କର୍‌ବାର୍ ଲାଗି ଉପ ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ ।

ସେନ୍ତା ଆଉ ଗୁଟେ ବୈଠକ୍‌ଥି ନିର୍ବାଚନ୍ ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଣିଶଙ୍କର ବରଦୋଲାଇ ନିର୍ବାଚନୀ ଖର୍ଚ୍ଚର ତଥ୍ୟ ଆଉ ଆବଶ୍ୟକ ପଦକ୍ଷେପ୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ବୈଠକ୍‌ଥି ଜିଲ୍ଲାପାଲ୍ ହେମକାନ୍ତ ସାଏ ନିର୍ବାଚନ୍‌କେ ମୁକ୍ତ ଆଉ ଅବାଧ କର୍‌ବାର୍ ଲାଗି ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

କଳାହାଣ୍ଡି- ପ୍ରାର୍ଥୀପତ୍ର   କଳାହାଣ୍ଡି/ନୂଆପଡ଼ା ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ନ ୪ ନମ୍ବର୍ ଖେପର୍ ମତଦାନ୍ ମେ ୧୩ ତାରିଖ୍ ହେବା । ଇଥିର୍‌ଲାଗି ନାମାଙ୍କନ୍‌ପତ୍ର ଦାଖଲ୍ ପ୍ରକ୍ରିୟା ୧୮ ତାରିଖ୍‌ନୁ ମୁଲ୍ ହେଇଛେ । ବିଧାନ୍‌ସଭା ପ୍ରାର୍ଥୀ ଭାବେ ଏବ୍‌ତକ

୩ ଝନ୍ ପ୍ରାର୍ଥୀପତ୍ର ଦାଖଲ୍ କରିଥିବାର୍ ଆମର୍ ସମ୍ବାଦଦାତା ଜନେଇଛନ୍ ।

ନୂଆପଡ଼ା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ନ ଝନେ ପ୍ରାର୍ଥୀ ରିଟର୍ଣ୍ଣିଂ ଅଧିକାରୀ ତଥା ଉପ ଜିଲ୍ଲାପାଲ୍ ଙ୍କର୍ କାର୍ଯ୍ୟାଳୟ ନ ପ୍ରାର୍ଥୀପତ୍ର ଦାଖଲ୍ କରିଛନ୍ ।

ବୌଦ୍ଧ- ସଡ଼କ୍ ଦୁର୍ଘଟଣା        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ମହାନଦୀ ସେତୁ ଉପ୍‌ରେ ଆଏଜ୍ ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍‌କର୍ ଜୀବନ୍ ଯାଇଛେ । ବାଇକ୍‌କେ ଗୁଟେ ଆମ୍ବୁଲେନ୍ସ ପଛ୍‌ଆଡୁ ଧକ୍କା ଦେବାର୍‌ନୁ ଘଟ୍‌ନା ଜାଗା ନ ବାଇକ୍ ଚାଲକ୍‌ଙ୍କର୍ ଜୀବନ୍ ଯାଇଥିବାର୍ ବେଲେ ତାଙ୍କର୍ ସ୍ତ୍ରୀଙ୍କୁ ବୌଦ୍ଧ ହାସ୍‌ପାତାଲ୍‌କେ ନିଆଯାଇଥିଲା । ସେନ ଚିକିତ୍ସାଧିନ ଅବସ୍ଥାଥି ତାଙ୍କର୍ ମୃତ୍ୟୁ ହେଇଛେ । ମୃତକମାନେ ବୌଦ୍ଧ ଜିଲ୍ଲା ସଦେଇପୁର୍ ଗାଁର୍ ବଲି ଜନାପଡ଼ିଛେ ।

ଯକୃତ ରୋଗ ସଚେତନତା          ଆର୍‌ଏନ୍‌ୟୁ/ କଟକ୍

ଯକୃତ ରୋଗ ଆର୍ ସୁସ୍ଥ ଜୀବନ୍‌ଶୈଲୀର୍ ମହତ୍ୱ ବାବ୍‌ଦେ ଗୁଟେ ସଚେତନତା ଆର୍ ଭାବବିନିମୟ କାର୍ଯ୍ୟକ୍ରମ୍ ଗଲକାଏଲ୍

ଭୁବ୍‌ନେଶ୍ୱର୍ ଏମ୍ସ ନ ହେଇଯାଇଛେ । ଏମ୍ସ ଗେଷ୍ଟ୍ରୋଏଂଟେରୋଲୋଜି ବିଭାଗ୍‌କେ ଚିକିତ୍ସା ଲାଗି ଫି' ମାସ ୪ ନୁ ୫ ହଜାର୍ ରୋଗୀ ଆସୁଛନ୍ । ସେମାନ୍‌କର୍ ଭିତ୍‌ରୁ ପାଖାପାଖି ୧ ହଜାର୍ ୫ ଶହ ରୋଗୀ ଯକୃତ ବାବଦ୍ ଭିନ୍ ଭିନ୍ ସମସ୍ୟା ଲାଗି ପରାମର୍ଶ ନେଇଥିସନ୍ । ସଚେତନ୍ ହେଲେ ପାଖାପାଖି ୯୦ ପ୍ରତିଶତ୍‌ନୁ ଅଏତ୍‌କା ଲୋକ୍ ଯକୃତ ରୋଗକେ ପ୍ରତିରୋଧ୍ କରିପାର୍‌ବେ ବଲି ବିଭାଗ୍‌ର ଅତିରିକ୍ତ ପ୍ରଫେସର୍ ଡାକ୍ତର୍ ମାନସ କୁମାର୍ ପାଣିଗ୍ରାହୀ କହିଛନ୍ । ସେ କହିଛନ୍ ଯେ, ମଦ୍ ନାଇଁ ପିଇବାର୍ ଆଉ ଜଙ୍କ୍‌ଫୁଡ୍ ନୁ ଦୂରେଇ ରହେବାର୍, ଦର୍‌କାରୀ ସ୍କ୍ରିନିଂ କର୍‌ବାର୍, ହେପାଟାଇଟିସ୍-ବି ଟୀକା ନେବାର୍ ସହେତେ ଫି' ଦିନ ବ୍ୟାୟାମ୍ କଲେ ଯକୃତ ରୋଗକେ ରୋକାଯାଇପାର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜବର୍ ତାତି ଜାରି ରହିଛେ । ଆଏଜ୍ ପହେଲ୍‌କରି ବୌଦ୍ଧ ଆର୍ ବାରିପଦାର ତାତି ୪୫ ଡିଗ୍ରୀ ପାର୍ କରିଛେ । ଇ ଦୁହି ଜାଗା ନ ଆଝିର୍ ଦିନର୍ ସବୁନୁ ଜହ ତାତି ୪୫ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।

ରାଜ୍ୟର୍ ୧୩ ଟା ଜାଗାର୍ ତାପମାତ୍ରା ୪୩ ଡିଗ୍ରୀ ନୁ ଜହ ରହିଛେ । ସେଆଡ଼େ ପର୍ଶ୍ଚିମ ଓଡ଼ିଶାର୍ ନୂଆପଡ଼ା ନ ୪୪, ବଲାଙ୍ଗିର୍ ନ ୪୩ ଦଶ୍ମିକ୍ ୬, ଝାର୍ସୁଗୁଡ଼ା ନ ୪୩ ଦଶ୍ମିକ୍ ୨, ସମ୍ବଲ୍ପୁର୍ ଆର୍ ସୁନ୍ଦର୍ଗଡ଼୍ ୪୩ , ସୋନ୍ପୁର୍ ନ ୪୨ ଦଶ୍ମିକ୍ ୭, ଭବାନୀପାଟ୍ନା ନ ୪୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ । ଜବର୍ ତାତି ଲାଗି ରାଜ୍ୟର୍ ୧୬ଟା ଜିଲ୍ଲାକେ ପାଣିପାଗ୍ ବିଭାଗ୍ ତର୍ଫୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛେ ।